ଭଦ୍ରକ

## ସଂକ୍ଷେପରେ

### ୪ରେ ଧାମରା, ଭଦ୍ରକ ଓ ଯାଜପୁର ରୋଡ୍‌ରେ ରେଳରୋକୋ

ଚାନ୍ଦବାଲି,୨।୨(କିଷାନ ପାତ୍ର)

ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ଅଭିଯାତ୍ରୀ ଦଳକୁ ଚାନ୍ଦବାଲିରେ ସ୍ୱାଗତ କରଯାଇଛି। ଚଳିତ ବଜେଟରେ କେନ୍ଦ୍ର ସରକାର ଏହି ରେଳପଥ ନିର୍ମାଣ ଲାଗି ୧୦୨୬ କୋଟିର ଅର୍ଥ ବ୍ୟୟବରାଦ କରିବା ପାଇଁ ସମିତି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। କିନ୍ତୁ ଏହି ଦାବି ପୂରଣ ନ ହେବାରୁ ଆସନ୍ତା ୪ ତାରିଖରେ ଧାମରା, ଭଦ୍ରକ ଏବଂ ଯାଜପୁର ରୋଡ୍‌ଠାରେ ରେଳରୋକୋ କରାଯିବ। ଚାନ୍ଦବାଲି ତହସିଲ ଅଫିସ୍ ପାଖରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସଂଗ୍ରାମ ସମିତି ପକ୍ଷରୁ ଏ ସମ୍ପର୍କରେ ଜଣାଯାଇଛି। ସାମାଜିକ କର୍ମୀ ସୁଧୀର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷକ ଅମୂଲ୍ୟ ରାଉତ, ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ, ଭାଜପା ନେତା ବିଶ୍ୱନାଥ ସୂତାର, ବଣିକ ସଂଘ ସଭାପତି ଗୋପୀରାମ ଅଗ୍ରୱାଲ, ବ୍ରଜସୁନ୍ଦର ମହାନ୍ତି, ଆଇନଜୀବୀ ତ୍ରିଲୋଚନ ଦାଶ ମତ ରଖିଥିଲେ। ଯାଜପୁର ରୋଡ୍‌ରୁ ଧାମରା ଭାୟା ଚାନ୍ଦବାଲିକୁ ତୁରନ୍ତ ରେଳ ଲାଇନ ସଂଯୋଗ ସହ ଭଦ୍ରକରୁ ଧାମରା ରେଳ ଲାଇନରେ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ଦାବି ହୋଇଛି। ସମିତିର ଆବାହକ ସନ୍ତୋଷ ଦାସ, ଦିବ୍ୟସିଂହ ନାୟକ, ସତ୍ୟପ୍ରକାଶ ବେହୁରିଆ, ପ୍ରଫୁଲ୍ଲ ନାୟକ, ମଳୟ ପଣ୍ଡା, ଅନ୍ନପୂର୍ଣ୍ଣା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ତିହିଡ଼ି ଥାନାରେ ନୂତନ ଆଇଆଇସି

ତିହିଡ଼ି,୨।୨ (ସଞ୍ଜିତ ବଳ)-ତିହିଡ଼ି ଥାନାର ନୂତନ ଆଇଆଇସି ଭାବେ ପ୍ରସନ୍ନ କୁମାର ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କିଛିମାସ ପୂର୍ବେ ଥାନାଧିକାରୀ ମହମ୍ମଦ ହାଫିଜଙ୍କ ବଦଳି ପରେ ଏସ୍ଆଇ ଅରୁନ୍ଧତୀ ବେହେରା ଦାୟିତ୍ୱରେ ଥିଲେ। ଅପରାଧ ନିୟନ୍ତ୍ରଣ, ଧନଜୀବନ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ସହ ଧାମରା ରେଳପଥରୁ ନିୟମିତ କୋଇଲା ଚୋରିରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ନୂତନ ଥାନାଧିକାରୀ କହିଛନ୍ତି।

# ମହୋତ୍ସବ ପରେ ଜଗନ୍ନାଥଙ୍କ ମୂର୍ତ୍ତିକୁ ଅସମ୍ମାନ

ଭଦ୍ରକ,୨।୨ (ସନାତନ ରାଉତ)



ଭଦ୍ରକ ନେହେରୁ ଷ୍ଟାଡିୟମରେ ଖୋଲାରେ ପଡ଼ିଥିବା ଜଗନ୍ନାଥଙ୍କ ମୂର୍ତ୍ତି।

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ' ମଞ୍ଚରେ ପୂଜା ପାଇଥିବା ଜଗନ୍ନାଥଙ୍କ ମୂର୍ତ୍ତିକୁ ଅସମ୍ମାନ। ମହୋତ୍ସବ ପରେ ଟେଣ୍ଟହାଉସ୍‌ର କର୍ମଚାରୀ ଟେଣ୍ଟ ଖୋଲି ନେଇଯାଇଥିବା ବେଳେ ଜଗନ୍ନାଥଙ୍କ ମୂର୍ତ୍ତିକୁ ଖୋଲା ଆକାଶ ତଳେ ଛାଡ଼ି ଦେଇଛନ୍ତି। କାର୍ଯ୍ୟକ୍ରମ ସରିବା ପରେ ଜଗନ୍ନାଥଙ୍କ ମୂର୍ତ୍ତି ଖରା, କାକରରେ ପଡ଼ି ରହିଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଟେଣ୍ଟହାଉସକୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି।

ପ୍ରକାଶ ଯେ, ଗତ ୨୫ରୁ ୨୯ ତାରିଖ ୫ଦିନ ଧରି ଭଦ୍ରକ ନେହେରୁ ଷ୍ଟାଡିୟମରେ ଜିଲା ପ୍ରଶାସନ ଏବଂ ଓର୍‌ମାସ୍‌ର ମିଳିତ ଆନୁକୂଲ୍ୟରେ ଜିଲା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତି ସନ୍ଧ୍ୟାରେ ମଞ୍ଚ ଉପରେ ରଖାଯାଇଥିବା ଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ଧୂପ, ଦୀପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଥିଲା। ହେଲେ ମହୋତ୍ସବ ପରେ କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁଙ୍କୁ ଏପରି ଅସମ୍ମାନ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମହୋତ୍ସବରେ ଟେଣ୍ଟହାଉସ ପକ୍ଷରୁ ଜଗନ୍ନାଥଙ୍କ ମୂର୍ତ୍ତି ଅଣାଯାଇଥିଲା ଏବଂ ପରେ ଏପରି ଅସମ୍ମାନ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

### ଟେଣ୍ଟହାଉସକୁ କଳା ତାଲିକାଭୁକ୍ତ କଲା ଜିଲା ପ୍ରଶାସନ

ଏ ସମ୍ପର୍କରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଉକ୍ତ ଟେଣ୍ଟହାଉସକୁ କଳା ତାଲିକାଭୁକ୍ତ ଘୋଷଣା କରିବା ସହ ଏକ ନୋଟିସ୍ କରାଯାଇଛି। ଜିଲା ଭିତରେ ସେ କୌଣସି କାର୍ଯ୍ୟକ୍ରମ କରିପାରିବ ନାହିଁ। ଅତିରିକ୍ତ ଜିଲାପାଳ ମହାନ୍ତିଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଟେଣ୍ଟହାଉସ୍‌ର ଷ୍ଟେଜ ଆର୍ଟ କାମ କରୁଥିବା ବିରୂପାକ୍ଷ ମିଶ୍ର ଏଥିପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ଏପରି ଘଟଣା ପୁନର୍ବାର ହେବ ନାହିଁ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କ ଅଫିସ ଘେରିଲା ଭାଜପା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ପ୍ରତିବାଦ ସଭା କରାଯାଇଛି।

ଭଦ୍ରକ,୨।୨(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ' ମଞ୍ଚରେ ଅବସ୍ଥାପିତ କରାଯାଇଥିବା ଜଗନ୍ନାଥଙ୍କ ମୂର୍ତ୍ତିକୁ କାର୍ଯ୍ୟକ୍ରମ ସରିବା ପରେ ଖୋଲା ପଡ଼ିଆରେ ଅବହେଳିତ ଭାବେ ରଖି ଅସମ୍ମାନ କରାଯାଇଛି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। କୋଟି ଓଡ଼ିଆଙ୍କ ଠାକୁର ଜଗତର ନାଥ ଜଗନ୍ନାଥଙ୍କୁ ହତାଦର କରି ଫିଙ୍ଗିବା, ଅଧଃପତନର ଅୟମାରମ୍ଭ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଜିଲାପାଳ, ଏମ୍‌ପି, ବିଧାୟକମାନେ ଅତିଥି ଭାବେ ମହୋତ୍ସବ ମଞ୍ଚରେ ପ୍ରଦୀପ ଜାଳି ଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରି ଉଦ୍‌ଘାଟନ କରୁଥିଲେ। ମହୋତ୍ସବ ସରିବା ପରେ ଜଗନ୍ନାଥଙ୍କୁ ଭୁଲିଯିବା ନିନ୍ଦାର ବିଷୟ ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଡା. ପ୍ରଦୀପ ନାୟକ, ରଞ୍ଜିତା ସ୍ୱାଇଁ, ବଦ୍ରିନାରାୟଣ ଧଳ, ସୀତାଂଶୁ ଶେଖର ମହାପାତ୍ର, ଜଗନ୍ନାଥ ଦାସ, ଅମ୍ବିକା ପ୍ରସନ୍ନ ଦାସ, ଯୁବ ସଭାପତି ଦେବାଂଶୁ ରାଉତ, ପ୍ରଭାକର ସାମଲ, ବିକାଶ ପାଢ଼ୀ, ବରହମପୁର ପଞ୍ଚାୟତ ସରପଞ୍ଚ ନରହରି ସାହୁ, ଗଦାଧର ଖାମୁରାଇ, ଆଦିକନ୍ଦ ନାୟକ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଏତାଦୃଶ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି।

# ସିରିଜ୍ ଦୁର୍ଘଟଣା ବାଇକ୍ ଚାଳକଙ୍କ ଉପରେ ମାଡ଼ିଗଲା ଟ୍ରେଲର



ଭଦ୍ରକ/ଧାମନଗର/ଭଣ୍ଡାରିପୋଖରୀ, ୨।୨(ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକ ନିକଟରେ ଶୁକ୍ରବାର ସକାଳେ ସିରିଜ୍ ଦୁର୍ଘଟଣା ଘଟିଛି। ୩ଟି ଗାଡ଼ି ପଛକୁ ପଛ ଧକ୍କା ହୋଇଥିବା ବେଳେ ଏକ ଟ୍ରେଲର ମାଡ଼ିଯିବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ପାଳଦା ଗ୍ରାମର ରାଜକିଶୋର ସାହୁ(୨୮)।

ସୂଚନା ଅନୁଯାୟୀ, ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ତେଲ ବୋଝେଇ ଟ୍ୟାଙ୍କର ଏକ ଟ୍ରେଲରକୁ ଧକ୍କା ଦେଇଥିଲା। ଟ୍ରେଲରଟି ରାସ୍ତାକଡ଼ରେ ଥିବା ଏକ କାର୍‌କୁ ଧକ୍କା ଦେବା ସହ ରାଜପଥ ପାର୍ଶ୍ୱରେ ଥିବା ଇଟାଫ୍ୟାକ୍ଟ୍ରି ଭିତରକୁ ପଶିଯାଇଥିଲା। ଏହି ସମୟରେ ବାଇକ୍‌ରେ ଆସୁଥିବା ଚିଙ୍ଗୁଡ଼ିପୁର ଫିଡରରେ କାମ କରୁଥିବା ବିଦ୍ୟୁତ୍ କର୍ମଚାରୀ ରାଜକିଶୋରଙ୍କ ଉପରେ ଟ୍ରେଲର ମାଡ଼ି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ

### କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

କ୍ଷତିପୂରଣ ଦାବିରେ ଲୋକେ ରାଜପଥ ଅବରୋଧ କରିଥିଲେ। ରାଜପଥ ନିର୍ମାଣ ସଂସ୍ଥାର ଦାୟିତ୍ୱହୀନତା ଓ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ୫ ଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ଭଦ୍ରକ ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ, ଧାମନଗର ପୋଲିସ ଏବଂ ଉପଜିଲାପାଳ ମନୋଜ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ଏନେଇ ଧାମନଗର ଥାନାରେ ମାମଲା (ନଂ. ୫୬/୨୪) ରୁଜୁ କରାଯାଇଛି।

# ଜଙ୍ଗଲରୁ ମିଳିଲା ନିଖୋଜ ନାବାଳିକାଙ୍କ ମୃତଦେହ

ବନ୍ତ/ହାଟଡିହୀ, ୨।୨ (ହରିନାରାୟଣ ମହାନ୍ତି/ଶୁଭକାନ୍ତ ନାୟକ)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ତାଳବାଙ୍କ ଗ୍ରାମର ଅନତି ଦୂରରେ ତଥା ରେବ ନଦୀର ଅପରପାର୍ଶ୍ୱରେ ଥିବା ଜଙ୍ଗଲରୁ ଜଣେ ନିଖୋଜ ନାବାଳିକାଙ୍କ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ନାବାଳିକା ଜଣକ ତାଳବାଙ୍କ ଆଦିବାସୀ ସାହିର। ଗୁରୁବାର ରାତିରେ ଉକ୍ତ ସାହିରେ ଏକୋଶିଆ ପର୍ବ ପାଳନ ହେଉଥିବା ବେଳେ ପରିବାର ଲୋକେ ବ୍ୟସ୍ତ ଭିତରେ ଥିଲେ। ରାତି ୩ଟା ବେଳେ ପରିବାର ଲୋକେ ଝିଅକୁ ଘରେ ନ ପାଇ ବହୁ ଖୋଜାଖୋଜି କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଖବର ପାଇ ପରିବାର ଲୋକେ ଉକ୍ତ ଜଙ୍ଗଲରେ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ମୃତଦେହ ପଡ଼ିଥିବା ସ୍ଥାନଟି କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଧୀନରେ ହୋଇଥିବାରୁ ନନ୍ଦୀପଦା ପୋଲିସ ପହଞ୍ଚି ତଦନ୍ତ କରିଥିଲା। ମୃତଦେହ ପଡ଼ିଥିବା ସ୍ଥାନରୁ ଏକ ଠେଙ୍ଗା ମିଳିଛି। କେହି ଦୁର୍ବୃତ୍ତ ଝିଅକୁ ଘରୁ ଉଠାଇ ନେଇ ମାରି ଦେଇଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି।

# ନୃସିଂହନାଥ କ୍ଲବ ରାଜକନିକା ଚାମ୍ପିୟନ



### ଫୁଟ୍‌ବଲ ଟୁର୍ନାମେଣ୍ଟ

ବାସୁଦେବପୁର,୨।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଶୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମରେ ଶ୍ରୀ ଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୭ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ୩-୧ ଗୋଲ୍‌ରେ ଏଫ୍‌ସି କ୍ଲବ ବାଗଡ଼ା ଶୁଳିଆପଦାକୁ ହରାଇ ନୃସିଂହ ନାଥ କ୍ଲବ ରାଜକନିକା ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ମାଧବ ଚରଣ ପୁହାଣ, କାଉନସିଲର ଆସିନା ବିବି, କ୍ରୀଡ଼ାବିତ୍ ବସନ୍ତ ନାୟକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସଅପ୍‌କୁ କପ୍ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ଶ୍ରୀଗଣେଶ କ୍ଲବ ସମ୍ପାଦକ ସୁବାସ ନାୟକ ବିବରଣୀ ପାଠ ଓ ସଭାପତି ଗୌରାଙ୍ଗ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦୁଝର

### ଦୋଷୀଙ୍କୁ ୩ ବର୍ଷ ଜେଲ

**ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା**

କେନ୍ଦୁଝର,୨।୨(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଫାଷ୍ଟଟ୍ରାକ କୋର୍ଟରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଦୋଷୀଙ୍କୁ ୩ ବର୍ଷ ଜେଲ ଓ ୫ ହଜାର ଜରିମାନା ଆଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ଦୈତାରୀ ଥାନା ଅଞ୍ଚଳର ନାବାଳିକାଙ୍କ ଘରେ ୧୦ ଡିସେମ୍ବର ୨୦୧୭ରେ କେହି ନଥିବା ବେଳେ ବାଳିପର୍ବତ ନୂଆସାହିର କଇରା ବାଙ୍କିରା ନାବାଳିକାକୁ ଭାତ ମାଗିଥିଲେ। ସେ ଭାତ ଆଣିବାକୁ ଯାଇଥିବାବେଳେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା କୌଶଳ କ୍ରମେ ଖସି ପଳାଇଥିଲେ। ପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ପରିବାର ପକ୍ଷରୁ ଦୈତାରୀ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା( ନଂ. ୬୭ /୧୭) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାରେ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ଯୋଡ଼ା,୨।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ନମିରା ଗ୍ରାମ ନିକଟରୁ ବାଲି ଚୋରାଚାଲାଣ ବେଳେ ଗୋଟିଏ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ବାମେବାରି ଥାନା ଆଇଆଇସି ଦୀପ୍ତିରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ସମୟରେ ଟ୍ରାକ୍ଟର (ନଂ. ଓ ଡି ୦୯ ଏସ ୦୭୩୬) ବାଲି ବୋଝେଇ କରି ଯାଉଥିବା ବେଳେ ଚଢ଼ାଉ କରାଯାଇଥିଲା। କାଗଜ ପତ୍ର ଠିକ୍ ନ ଥିବାରୁ ଟ୍ରାକ୍ଟରକୁ ଜବତ ହୋଇଥିଲା। ଏ ନେଇ ଥାନାରେ ଓଡ଼ିଶା ମାଇନର ମିନେରାଲ କମିଶନ ରୁଲ୍ ୨୦୧୬ ଅନୁଯାୟୀ ଏକ ମାମଲା (ନଂ. ୬୫/୨୦୨୪) ରୁଜୁ ହୋଇଛି।

# ରାଜପଥରେ ବଢ଼ୁଛି ଭାରିଯାନ ପାର୍କିଂ

### ଏସ୍‌ପିଙ୍କ ନିର୍ଦ୍ଦେଶ ପାଳନ ହେଉନି

ଯୋଡ଼ା,୨।୨(ମାନସ ମହାନ୍ତି)



ରାଜପଥ କଡ଼ରେ ବେଆଇନ ଭାବେ ପାର୍କିଂ ହୋଇଥିବା ଟ୍ରକ୍।

କେନ୍ଦୁଝର ଜିଲା ଦେଇ ଯାଇଥିବା ୫୨୦ ଓ ୨୦ ନମ୍ବର ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଅନେକ ଧନଜୀବନ ହରାଉଛନ୍ତି। ବେଆଇନ ପାର୍କିଂ, ଅଧାପନ୍ତରିଆ ରାସ୍ତା ନିର୍ମାଣ, ନିମ୍ନମାନର ମରାମତି କାର୍ଯ୍ୟ ଦୁର୍ଘଟଣାର କାରଣ ପାଲଟିଛି। ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରି ବେଆଇନ ପାର୍କିଂ ରୋକିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବେଆଇନ ପାର୍କିଂ କମିବା ବଦଳରେ ବଢ଼ୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଥିବା ୨୦ ନଂ. ଜାତୀୟ ରାଜପଥର ଢେଙ୍କିକୋଟଠାରୁ କେନ୍ଦୁଝର ବାଇପାସ, ପଳାଶପଙ୍ଗା, ରିମୁଳି ବାଇପାସ, ନାରଦପୁର, ବିଲେଇପଦା, ଭଦ୍ରାସାହି, ରୁଗୁଡ଼ି ପ୍ରଭୃତି ସ୍ଥାନରେ ଟ୍ରକ୍‌ଗୁଡ଼ିକ ରାସ୍ତାର ଅଧା ଅବରୋଧ କରି ପାର୍କିଂ କରୁଛନ୍ତି। ବେଆଇନ ପାର୍କିଂ ଯୋଗୁ ଗତ ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଘଟଗାଁ ମା' ତାରିଣୀ ପୀଠକୁ ଆସୁଥିବା ଏକ ଟ୍ରାଭେଲର ବେଆଇନ ପାର୍କିଂ ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୮ ପର୍ଯ୍ୟଟକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ପରେ କେନ୍ଦୁଝର ଏସ୍‌ପି ରାସ୍ତା କଡ଼ରେ ଭାରିଯାନ ପାର୍କିଂ ଉପରେ କଟକଣା ଜାରି କରିଥିଲେ। ଏଥିପାଇଁ ସେ ସମୟରେ ପୋଲିସ ପାଟ୍ରୋଲିଂ ଜୋରଦାର କରିଥିଲା। ଘଟଣାର ମାସେ ନ ପୂରୁଣୁ ପୁନଃ ରାଜପଥରେ ପାର୍କିଂ ଆରମ୍ଭ ହୋଇଯାଇଛି। ବିଲେଇପଦା କାରଣ ସାହି ଟୋଲ୍‌ଗେଟ୍ ପାଖରେ ବଡ଼ ଗାଡ଼ିଗୁଡ଼ିକ ଏକ ପ୍ରକାର ରାସ୍ତା ଅବରୋଧ କରି ରଖୁଛନ୍ତି। କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ପାଟ୍ରୋଲିଂ ମଧ୍ୟ ହେଉନାହିଁ। ଖଣି ଅଞ୍ଚଳରେ ଯାଇଥିବା ୫୨୦ ନଂ. ଜାତୀୟ ରାଜପଥରେ ନିୟୋଜିତ କିଛି ଘରୋଇ ସୁରକ୍ଷାକର୍ମୀ ମଧ୍ୟ ଅସାଧୁ ଉପାୟ ଅବଲମ୍ବନ କରି ନୋ ଏଣ୍ଟ୍ରି ସମୟରେ ଟ୍ରକ୍‌ଗୁଡ଼ିକୁ ଛାଡ଼ି ଦେଉଛନ୍ତି। ଏଥିସହ ରିମୁଳିଠାରୁ ରୁଗୁଡ଼ି ପର୍ଯ୍ୟନ୍ତ ୫୨୦ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ରିମୁଳିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ରାସ୍ତାରେ ଅଧାପନ୍ତରିଆ ନିର୍ମାଣ, ନିମ୍ନମାନର ମରାମତି କାର୍ଯ୍ୟ ଦୁର୍ଘଟଣା ବଢ଼ାଉଛି। ବଡ଼ବିଲ ଆର୍‌ଟିଓ ଦୁର୍ଗାପ୍ରସାଦ ରାଓ କହିଛନ୍ତି, ରୁଗୁଡ଼ି, ଭଦ୍ରାସାହି, ରଣାଶାଳ, କଳାପାହାଡ଼ ଛକ, ଲହଣ୍ଡା, ବିଲେଇପଦା, କାରଣ ସାହି ପ୍ରଭୃତି ସ୍ଥାନରେ ବେଆଇନ ପାର୍କିଂ କରୁଥିବା ଟ୍ରକ୍‌ଗୁଡ଼ିକରୁ ଜରିମାନା ଆଦାୟ ହେଉଛି। ଏ ପର୍ଯ୍ୟନ୍ତ ପ୍ରାୟ ୩୦୦ ଟ୍ରକ୍‌ରୁ ୬ ଲକ୍ଷ ଟଙ୍କା ଆଦାୟ କରାଯାଇଛି। କର୍ମଚାରୀ ଅଭାବ ଥିବାରୁ ଡେପୁଟି ଡାଇରେକ୍ଟର ମାଇନ୍ସଙ୍କ ସହିତ ଆଲୋଚନା କରିଛନ୍ତି। ଏହାର ନିଷ୍କର୍ଷ ବାହାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୧୧୬ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ



ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

ପାଟଣା,୨।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱଥମା ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନୋଡ଼ାଲ ଅଫିସର ପ୍ରାଧ୍ୟାପକ ଯତୀନ୍ଦ୍ର ମିଶ୍ର, ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ଯୋଗଦେଇ ଶିବିର ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦେଇଥିଲେ। ଏଥିରେ ଯୁକ୍ତ ୨ ପ୍ରଥମ ବାର୍ଷିକ କଳା ଓ ବିଜ୍ଞାନ ଛାତ୍ରୀଙ୍କର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୧୬ ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଉଛନ୍ତି। ତାଲିମ ପ୍ରାପ୍ତ ମାଷ୍ଟର ଟ୍ରେନ୍‌ର ସୁଶୀଳା ମହାନ୍ତ ଓ ପ୍ରିୟମ୍ବଦା ମହାନ୍ତ ଛାତ୍ରୀମାନଙ୍କୁ ୪ଟି ଗ୍ରୁପରେ ଭାଗକରି ତାଲିମ ଦେଉଛନ୍ତି। କ୍ରୀଡ଼ା ଶିକ୍ଷକ ସୁଶୀଲ ପ୍ରଧାନ, ଅଧ୍ୟାପିକା ସସ୍ମିତା ତରାଇ, ଡିଇଓ ପଦ୍ମଲୋଚନ ସାହୁ ପ୍ରମୁଖ ଶିବିର ପରିଚାଳନା କରୁଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଦେଖିବାକୁ ଗଲେ ଶ୍ରଦ୍ଧାଳୁ




ଜିଲାପାଳ ବିଶାଳ ସିଂହ ପୁରୀକୁ ଯାତ୍ରା କରୁଥିବା ବସ୍‌କୁ ପତାକା ଦେଖାଉଛନ୍ତି।

କେନ୍ଦୁଝର,୨।୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପାଇଁ ଯାତ୍ରାର ଶୁଭାରମ୍ଭ ହୋଇଛି। ଗୁରୁବାର ରାତିରେ କେନ୍ଦୁଝର ବଡ଼ଦାଣ୍ଡଠାରେ ଜିଲାପାଳ ବିଶାଳ ସିଂହ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ୧୨୬୦ ଜଣ ଶ୍ରଦ୍ଧାଳୁ ୨୮ଟି ବସ୍‌ରେ ପୁରୀ ଯାତ୍ରା କରିଛନ୍ତି। ଆସନ୍ତା ୧୧ ତାରିଖରେ ତେଲକୋଇ ନିର୍ବାଚନ ମଣ୍ଡଳୀରୁ, ୧୨ ତାରିଖ ପାଟଣା ଓ ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୪ ତାରିଖରେ ଘସିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଏବଂ ୧୮ ତାରିଖରେ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ନିମନ୍ତେ ପୁରୀ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ।

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଚମ୍ପୁଆ,୨।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନାରେ ନୂତନ ଅଧିକାରୀ ଯୋଗ ଦେଇଛନ୍ତି। ପୂର୍ବ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ କେନ୍ଦୁଝର ସଦର ଥାନା ଅଧିକାରୀ ଭାବେ ବଦଳି ହେବା ପରେ ନୟାକୋଟ ଥାନାର ଥାନା ଅଧିକାରିଣୀ ଥିବା ଦେବକୀ ନାଏକ ଚମ୍ପୁଆ ଥାନା ଅଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଆଇନ ଶୃଙ୍ଖଳା, ଅପରାଧ, ଟ୍ରାଫିକ୍ ସମସ୍ୟା ଆଦି ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବେ। ଏଥିସହ ଚମ୍ପୁଆ ଥାନା ଅଧୀନରେ ଝାଡ଼ଖଣ୍ଡରୁ ଏକାଧିକ ପ୍ରବେଶ ପଥ ରହିଛି। ଏହା ଏକ ସମ୍ବେଦନଶୀଳ ଥାନା ଭାବେ ପରିଚିତ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଅଖି ଆଗରେ ରଖି ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ। ପୋଲିସ ଓ ଜନ ସାଧାରଣ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ ବୋଲି ନୂତନ ଥାନା ଅଧିକାରିଣୀ ସୂଚନା ଦେଇଛନ୍ତି।

# ଅନୁସୂଚିତ ଜାତି ଓ ଜନଜାତି ଆୟୋଗ ଉପାଧ୍ୟକ୍ଷଙ୍କ ଜନଶୁଣାଣି



ଉପାଧ୍ୟକ୍ଷ ଅନନ୍ତ ନାୟକ ଅଭିଯୋଗ ଶୁଣୁଛନ୍ତି।

ଢେଙ୍କିକୋଟ,୨।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ଉପାଧ୍ୟକ୍ଷ ଅନନ୍ତ ନାୟକ ଜନ ଶୁଣାଣି କରିଛନ୍ତି। ଶିବିରରେ ନୂଆଦିଲ୍ଲୀ ଡେପୁଟି ଡାଇରେକ୍ଟର ରାଜେଶ ଦୁବେ, ସିନିୟର ଓକିଲ ରାଧାକାନ୍ତ ତ୍ରିପାଠୀ ପର୍ସନାଲ ଆସିଷ୍ଟାଣ୍ଟ ବିଭୁତି ଭୂଷଣ ବିଶ୍ୱାଳ, ଦୀପକ ପଲେଇ, ରିଜୋନାଲ ଅଫିସର ଭୁବନେଶର ଦିନବନ୍ଧୁ ନାୟକ, ସ୍ଥାନୀୟ ସରପଞ୍ଚ ଖଇର ନାଏକ, ସମିତି ସଭ୍ୟା କଳ୍ପନା ନାଏକ ଏବଂ ଘଟଗାଁ ବ୍ଲକ୍‌ର ସମସ୍ତ ବିଭାଗୀୟ ଅଫିସର ଯୋଗ ଦେଇଥିଲେ। ଲଙ୍ଗଳକଣ୍ଟି, ଟିକିରା, କପାସପଡ଼ା ଏବଂ ଢେଙ୍କିକୋଟ ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ସମସ୍ୟା ସମ୍ବନ୍ଧୀୟ ଲିଖିତ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷ ମୋଟ ୧୫୫ ଟି ଅଭିଯୋଗ ଶୁଣାଣି କରି ସମସ୍ୟାର ସମାଧାନ କରିଥିଲେ। ଅନ୍ୟ ସମସ୍ୟା ଘଟଗାଁ ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ହସ୍ତାନ୍ତର କରି ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିବ୍ୟାଙ୍ଗ ରାମଦର୍ଶନ ଚୌଧୁରୀଙ୍କୁ ବ୍ୟାଟେରି ଚାଳିତ ସାଇକେଲ ପ୍ରଦାନ କରାଯାଇଥିଲା।

**ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ**

ଭୋଗରାଇ, (ପ୍ରଦୀପ ଦାସ)-ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥରେ ଶୁକ୍ରବାର ସକାଳେ ନହରାସ୍ଥିତ କଣ୍ଟଳିଆ ଛକଠାରେ ବିଦ୍ୟୁତ ସାମଗ୍ରୀ ବୋଝେଇ ପିକ୍‌ଅପ ଭ୍ୟାନ ଏକ ସାଇକେଲକୁ ଧକ୍କା ଦେବାରୁ ସାଇକେଲ ଆରୋହଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନହରା ଗ୍ରାମର ଖଗେନ୍ଦ୍ର ଭୂୟାଁ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଜଳେଶ୍ୱର ଏସ୍‌ଡିଓ ଦିଲୀପ କୁମାର ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ରାସ୍ତାରୁ ହଟିଥିଲେ।

**ବାଲେଶ୍ୱର**

# ପ୍ୟାକେଜିଂ ଉପରେ ଗୁରୁତ୍ୱ ଦେବାକୁ ମିଶନ ଶକ୍ତି ମହିଳାଙ୍କୁ ପରାମର୍ଶ

**ବାଲେଶ୍ୱର(ମାନସ ବିଶ୍ୱାଳ)/ରେମୁଣା(ରବୀନ୍ଦ୍ର ମହାକୁଡ)/ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୨।୨**

ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ମିଶନ ଶକ୍ତି ବଜାର ବୁଲି ଦେଖିବା ସହିତ ମହିଳାମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ସମଗ୍ର ଦେଶରେ ୮୦ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ହେଉଥିବା ବେଳେ ଏଥିରେ ୧୦କୋଟିରୁ ଊର୍ଦ୍ଧ୍ୱ ମହିଳା ଜଡିତ ରହିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ପାରିବାରିକ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ଛୋଟ ଛୋଟ ବ୍ୟବସାୟରୁ ସେମାନଙ୍କ ଉଦ୍ୟୋଗୀରେ ରୂପାନ୍ତରିତ କରାଯାଉଛି। ଏଥିପାଇଁ କେନ୍ଦ୍ର ସରକାର ମହିଳା ଗୋଷ୍ଠୀଙ୍କୁ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣର ସୁବିଧା କରିଛନ୍ତି। ମୁଦ୍ରା ଲୋନ ଯୋଜନାରେ ମଧ୍ୟ ମହିଳାଙ୍କୁ ଋଣ ଦିଆଯାଉଛି। ତେଣୁ ମହିଳାମାନେ ଉଦ୍ୟୋଗୀ ଭାବେ ସଫଳତା ହାସଲ ପାଇଁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି। ବାଲେଶ୍ୱରର ମିଶନ ଶକ୍ତି ମହିଳାମାନଙ୍କ ଅନୁଭୂତି ଶୁଣିଥିଲେ। ସେମାନେ ପ୍ରସ୍ତୁତ କରୁଥିବା ସମାଗ୍ରୀ ବଜାରରେ ମିଳୁଥିବା ସମାଗ୍ରୀ ତୁଳନାରେ ଅଧିକ ଗୁଣବତ୍ତାଯୁକ୍ତ ହୋଇଥିଲେ ବି ପ୍ୟାକେଜିଂ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଦାସ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ବିଜ୍ଞାପନ ଯୁଗରେ ମାର୍କେଟିଂ ପାଇଁ ଭଲ ପ୍ୟାକେଜିଂର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି ଉନ୍ନତମାନର ସମାଗ୍ରୀ ପ୍ରସ୍ତୁତ ପାଇଁ ମହିଳାମାନଙ୍କ ଉପଯୁକ୍ତ ବୈଷୟିକ ପ୍ରଶିକ୍ଷଣ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଙ୍ଗନୱାଡି ଓ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପାଇଁ ବଜାର ଦର ଅନୁପାତରେ ଅଣ୍ଡା ଯୋଗାଣ ଏକ ସମସ୍ୟା ଭାବେ ଦେଖାଦେଉଥିବା ବେଳେ ରାଜ୍ୟପାଳ ଦାସ ଏହାର ସରଳ ସମାଧାନ ବିଷୟରେ କହିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ କୁକୁଡ଼ା ପାଳନ ସହ ଅଣ୍ଡା ଉତ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ଉତ୍ପାଦିତ ସମସ୍ତ ଅଣ୍ଡା ଜିଲା ପ୍ରଶାସନ କିଣିପାରିବ ବୋଲି ସେ ପ୍ରସ୍ତାବ ଦେଇଥିଲେ।

**ରାଜ୍ୟପାଳଙ୍କ ଦିନିକିଆ ବାଲେଶ୍ୱର ଗସ୍ତ**



ରାଜ୍ୟପାଳ ରଘୁବର ଦାସ ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରୁଛନ୍ତି।।

ରାଜ୍ୟପାଳ ପ୍ରଥମେ ରେମୁଣା ନିର୍ବାଚନମଣ୍ଡଳୀର ସୁତେଇ ବଡ଼ଗାଁ ପଞ୍ଚାୟତର ବଡଘାଇ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଛାତ୍ରୀଛାତ୍ର ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରେ ରାଜ୍ୟପାଳ ରେମୁଣାର ପ୍ରସିଦ୍ଧ କ୍ଷୀରଚୋରା ମନ୍ଦିରରେ ପହଞ୍ଚି ଶ୍ରୀଗୋପୀନାଥ ଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଏହି ମନ୍ଦିର ନିର୍ମାଣ ଓ ଏହା ପଛରେ ଥିବା ପୌରାଣିକ ତଥ୍ୟ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଭାପତି ଓ ଜିଲାପାଳ ଅବଗତ କରାଇଥିଲେ। ମନ୍ଦିରର ଉନ୍ନତି ଲାଗି ରାଜ୍ୟ ସରକାର ଦେଇଥିବା ଆର୍ଥିକ ଅନୁଦାନ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଅବଗତ କରାଇଥିଲେ। ପରେ ରାଜ୍ୟପାଳ ରେମୁଣା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଭେଟି ସେମାନଙ୍କୁ କି ପ୍ରକାର ଚିକିତ୍ସା ଓ ଖାଦ୍ୟ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ମ୍ୟାଲେରିଆ ନିରାକରଣ ପ୍ରତି ଆଶା ଦିଦିମାନେ ଅଧିକ ଧ୍ୟାନ ଦେବା ସହ ପୋଷଣମୁକ୍ତ ଜିଲା ଗଠନ ଦିଗରେ କାମ କରିବାକୁ ପରାମର୍ଶ ଦେଉଥିଲେ। ସେଠାରୁ ନୀଳଗିରି ବ୍ଲକର ମର୍ଦ୍ଦରାଜପୁରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ବାସଗୃହ ବୁଲି ଦେଖିବା ସହ ହିତାଧିକାରୀଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ସେ କୃଷକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଆର୍ଥିକ ସହାୟତା ପାଇବାରେ ସୁଗମତା ସମ୍ପର୍କରେ ସେ କୃଷକମାନଙ୍କଠାରୁ ତଥ୍ୟ ନେଇଥିଲେ। ଏହା ପରେ ସେ ମର୍ଦ୍ଦରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉପସ୍ଥିତ ଥିଲେ।

## ପ୍ରତିବାଦରେ ଅନଶନରେ ବସିଲେ ଚାଷୀ



ଧାରଣାରେ ବସିଥିବା ଚାଷୀମାନେ।

**ଝୋଟ କିଣୁନି ନିଗମ**

**କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୨।୨**

ଭାରତୀୟ ଝୋଟ ନିଗମ ଝୋଟ ନ କିଣିବା ପ୍ରତିବାଦରେ ଶୁକ୍ରବାର ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆଗାମୀ ଦିଗରେ ଏ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଚାଷୀମାନେ ଅନଶନ କରିବା ନେଇ ଗୁରୁବାର ତହସିଲଦାର ଜନକ କୁମାର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ନିଗମ ବାରମ୍ବାର ପ୍ରତିଶ୍ରୁତି ଦେଇ ଏବେ ଚାଷୀଙ୍କୁ ନିରାଶ କରିଛି। ଚାଷୀମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକୁ ନିଗମ ମାନୁ ନ ଥିବା ଚାଷୀମାନେ କହିଛନ୍ତି। ବୁଧବାର ଝୋଟ କ୍ରୟ ହେବାର ଥିଲା, ମାତ୍ର ନିଗମ ନୀରବ ରହିବା ଚାଷୀଙ୍କୁ ବିସ୍ମିତ କରିଛି। ଅରବିନ୍ଦ ବେହେରା, ମନ୍ମଥ କୁମାର ପାତ୍ର, ସୁଦାମ କୁମାର ଦାସ, ସଞ୍ଜୟ କୁମାର ଧଳ, ବିକାଶ ଚନ୍ଦ୍ର ଗିର, ଗୌରବ ଅଣ୍ଡିଆ, କ୍ଷିତିଶ ଚନ୍ଦ୍ର ଜେନା, ସୁଶାନ୍ତ କୁମାର ନାୟକ, ମନ୍ମଥ କୁମାର ଦାସ, ବସନ୍ତ କୁମାର ବାରିକ, ଖଗେନ୍ଦ୍ର କୁମାର ବାରିକ, ମନ୍ମଥ କୁମାର ନାୟକ, ରତ୍ନାକର ଦାସ, ଗୋପାଳ ମହାଳିକ, ନିତ୍ୟାନନ୍ଦ ସାହୁ, ଯତୀନ୍ଦ୍ର ନାଥ ବାରିକ, ସୁଧାଂଶୁ ଶେଖର ଧଳ ପ୍ରମୁଖ ଶତାଧିକ ଚାଷୀ ଧାରଣା ବସିଥିଲେ।

## ଆକାଶରେ ପ୍ରଚଣ୍ଡ ଶବ୍ଦ, ଲୋକେ ଭୟଭୀତ

**ଭୋଗରାଇ, ୨।୨(ପ୍ରଦୀପ ଦାସ)**

ଓଡିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଆକାଶରେ ଅପରାହ୍ନ ୨ଟା ୫୬ମିନିଟ୍‌ରେ ଦୁଇଥର ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହୋଇଥିଲା। ପ୍ରଚଣ୍ଡ ଶବ୍ଦରେ ଦୁଇ ରାଜ୍ୟର ସୀମାନ୍ତ ଗ୍ରାମର ଲୋକେ ଭୟଭୀତ ହୋଇପଡିଥିଲେ। ଏହି ସମୟରେ ଖଡ଼ଗପୁରସ୍ଥିତ କଳାଇକୁଣ୍ଡା ଏୟାରବେସରୁ ଦୁଇଟି ଜେଟ ବିମାନ ତୀବ୍ର ଭାବେ ସମୁଦ୍ରମୁହାଁ ହୋଇଥିଲା। ଚାନ୍ଦିପୁର କିମ୍ବା ଧାମରା ହୁଇଲ ଦ୍ୱୀପରୁ ଗୋଳାବାରୁଦ କିମ୍ବା କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିବା ଅନୁମାନ କରାଯାଉଛି।

# ଚରିତ୍ରବାନ ଛାତ୍ରୀଛାତ୍ର ସୃଷ୍ଟି ଉପରେ ଗୁରୁତ୍ୱ

**ଖଇରା, ୨।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ୧୯ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡା. ବ୍ରଜସୁନ୍ଦର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର, ସମ୍ମାନନୀୟ ବକ୍ତା ଭାବେ ଅଧ୍ୟାପକ ବନମାଳୀ ବାରିକ ଯୋଗଦେଇ ଚରିତ୍ରବାନ ଛାତ୍ରୀଛାତ୍ର ଗଠନ କରିବାରେ ସରସ୍ୱତୀ ଶିଶୁ ମନ୍ଦିରର ସୁନାମ ରହିଛି ବୋଲି ବକ୍ତବ୍ୟରେ କହିଥିଲେ। ପରିଚାଳନା ସମିତି ସଭାପତି ରାଧାକାନ୍ତ ପାତ୍ର ଅତିଥି ପରିଚୟ ଓ ଦେବେନ୍ଦ୍ର ଗୁରୁଜୀ ବିବରଣୀ ପାଠ କରିଥିଲେ। ବାଳିକା ବିଭାଗର ଚାମ୍ପିୟନ ରଚିତା ସାହୁ, ବାଳକ ବିଭାଗର ରୁଦ୍ର ପ୍ରକାଶ ନାୟକ, ଆଦର୍ଶ ଛାତ୍ର ଭାବେ ଚନ୍ଦ୍ରଶେଖର ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସରକାରୀ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ଶୁଭଙ୍କର ସାହୁଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଥମ ଅଧିବେଶନରେ ଆୟୋଜିତ ମାତୃ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ହିମାଂଶୁ ଶେଖର ବେହେରା, ମୁଖ୍ୟବକ୍ତା ଭାବେ ଏବିଇଓ ପାର୍ବତୀ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ଅଶୋକ ପଲେଇ ଓ ବୁଦ୍ଧିରାମ ପାଣିଗ୍ରାହୀ ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ବାହାନଗା, ୨।୨(ଅରୂପ କୁମାର ଦାସ)**

ବାହାନଗା ପଞ୍ଚାୟତ ଷଠୀ ଗ୍ରାମବାସୀଙ୍କ ଦ୍ୱାରା ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଷଠୀ ଉତ୍ତର ଓ ଷଠୀ ଦକ୍ଷିଣ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ମୁଖ୍ୟଅତିଥି ଭାବେ ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବିଡିଓ ଶରତ କୁମାର ମୁଦୁଲି ଯୋଗ ଦେଇ ଯୁବ ଖେଳାଳି ଓ ବୟସ୍କ ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇବା ସହିତ ଏଭଳି ଗ୍ରାମବାସୀ ଏକ ମନ ହୋଇ ଖେଳିବା ଫଳରେ ଗ୍ରାମର ଏକତା ବଜାୟ ରହିବ ବୋଲି ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବାହାନଗା ସମିତିସଭ୍ୟ ସରୋଜ କୁମାର ରାଉତ ଯୋଗ ଦେଇଥିଲେ। ଗ୍ରାମ୍ୟ କମିଟି ସଭାପତି ଶିକ୍ଷାବିତ୍ ଖଗପତି ଜେନା ସଭାପତିତ୍ୱ କରିଥିଲେ। ଖବରଦାତ ଶରତ ସାମଲ ଧନ୍ୟବାଦ ଦେଇଥିଲେ। ଷଠୀ ଉତ୍ତର ସାହିର କ୍ୟାପଟେନ ସନ୍ତୋଷ କୁମାର ପାଣିଗ୍ରାହୀ ଥିବା ବେଳେ ଦକ୍ଷିଣରୁ ଜୟନ୍ତ କୁମାର ସାମଲ କ୍ୟାପଟେନ ଭାବେ କାର୍ଯ୍ୟ ତୁଲାଇଥିଲେ। ଉଭୟ ଦଳ ୨୦ ଓଭର ଖେଳିଥିଲେ। ଶିକ୍ଷାବିତ ରଘୁନାଥ ରାଉତ ଖେଳ ପରିଚାଳନା କରିଥିଲେ। ହିମାଂଶୁ କୁମାର ଜେନା ସର୍ବାଧିକ ଛକା ମାରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ ଦଳ ମଧ୍ୟରେ ଖେଳ ଡ୍ର ରହିବାରୁ ଉଭୟଙ୍କୁ ବିଜେତା ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ନୃସିଂହ ଚରଣ ରାଉତ, ଗ୍ରାମ୍ୟ କମିଟି ସମ୍ପାଦକ ଘନଶ୍ୟାମ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

**ମୟୂରଭଞ୍ଜ**

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ମୋରଡ଼ା, ୨।୨(ସ୍ୱାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମିଶନ ଶକ୍ତି ଜିଲା ସଭାପତି ବିଷ୍ଣୁପ୍ରିୟା ଦାସ, ସମ୍ମାନିତ ଅତିଥିଭାବେ ଚିତ୍ରଡ଼ା ସରପଞ୍ଚ ବାଳକ ମାର୍ଣ୍ଡି, ଜିଲା ପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ଝରଣା ମୁର୍ମୁ, ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ବିପିଏମ୍ କଳ୍ପନା ଜେନା ଯୋଗ ଦେଇଥିଲେ। ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯିବା ସହ ଛଉନୃତ୍ୟ ଓ ବାଳିକାବାଳକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚିତ୍ରଡ଼ା ପିଇଓ ପ୍ରଶାନ୍ତ କୁମାର ସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗଡିଗାଁ ଓ ଦୁର୍ଗାପୁର ପଞ୍ଚାୟତରେ ମଧ୍ୟ ପିଇଓ ପ୍ରସନ୍ନ କୁମାର ମହାନ୍ତ ଏବଂ ପାର୍ବତୀ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଜାତୀୟ ରାଜପଥ ଅବରୋଧ କଲା ଭଞ୍ଜସେନା

**ଦ୍ୱାରଶୁଣି ଘାଟି ରାସ୍ତାର ସମ୍ପ୍ରସାରଣ ଦାବି**

**ବାଙ୍ଗିରିପୋଷି, ୨।୨(ସଞ୍ଜୟ କୁମାର ଅଗ୍ରୱାଲା)**

ମରଣଯନ୍ତା ପାଲଟିଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣି ଘାଟିର ସମ୍ପ୍ରସାରଣ ଓ ମରାମତି ଦାବିରେ ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ଜାତୀୟ ରାଜପଥ ନଂ.୪୯ ଅବରୋଧ କରାଯାଇଥିଲା। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ତହସିଲଦାର ସୀତାଂଶୁ ଶେଖର ଦାସ ଏବଂ ଥାନା ଅଧିକାରୀ ରୋଜାଲିନ ବେହେରା ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ସାମାଧାନର ପନ୍ଥା ବାହାରିପାରି ନ ଥିଲା। ୪ ଘଣ୍ଟା ପରେ ବାରିପଦା ସଦର ଉପ ଜିଲାପାଳ ଇଶ୍ୱର ଚନ୍ଦ୍ର ନଏକ, ସଦର ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଘାଟିରାସ୍ତାର ପ୍ରଶସ୍ତୀକରଣ ସହ ମରାମତି କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଭଞ୍ଜସେନାର ଏହି ଆନ୍ଦୋଳନକୁ ବାଙ୍ଗିରିପୋଷି ଅଞ୍ଚଳର ବିଭିନ୍ନ ସଂଗଠନ ସମର୍ଥନ ଜଣାଇଥିଲେ। ଜିଲା ସଭାପତି ପିଣ୍ଟୁ ମାଇତି, କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲା ଶାଖା ଆଦିବାସୀ ସେଲ ସଭାପତି ବାଜୁନ ହାଁସଦା, ଜିଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲା ମିଡିଆ ସେଲ ସଂଯୋଜକ ସନ୍ତୋଷ ଗିରି, ଜିଲା ମହିଳା ଶାଖା ସଭାପତି କନିକା ବୋଷ, ଜିଲା ଉପସଭାପତି ରାକେଶ ମହାନ୍ତି ପ୍ରମୁଖ ଏଥିରେ ସାମିଲ ଥିଲେ।



ଆନ୍ଦୋଳନକାରୀଙ୍କୁ ଜିଲା ପ୍ରଶାସନିକ ଅଧିକାରୀ ବୁଝାଶୁଝା କରୁଛନ୍ତି।

## ବୈଶିଙ୍ଗାରେ ହେବ ପୂର୍ବ ଭାରତର ସର୍ବବୃହତ୍ ପଣ୍ୟାଗାର

**ବୈଶିଙ୍ଗା, ୨।୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟରେ ପ୍ରତିଷ୍ଠା ହେବ ପୂର୍ବ ଭାରତର ସର୍ବବୃହତ୍ ପଣ୍ୟାଗାର। କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିଷ୍ପତ୍ତି କ୍ରମେ ବୈଶିଙ୍ଗା ନିକଟସ୍ଥ ପଣସିଆ ମୌଜାର ପଦାପୁରୁଣିଆଠାରେ ୧୦୦୦ ମେଟ୍ରିକ୍ ଟନ ଶସ୍ୟ ମହଜୁଦ କ୍ଷମତା ସମ୍ପନ୍ନ ବହୁମୁଖି ପଣ୍ୟାଗାର ନିର୍ମାଣ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସହ ବେତନଟୀ ତହସିଲଦାର ୧ଏକର ଜମି ଚିହ୍ନଟ କରି ଯାଇଛନ୍ତି। ଖାତା ନଂ.୬ ଓ ପ୍ଲଟ ନଂ.୮ରେ ଗୋଚର କିସମର ମୋଟ ୫ ଏକର ଜମି ମଧ୍ୟରୁ ଏହି ୧ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଛି। ପ୍ରକଳ୍ପ ସମ୍ପ୍ରସାରଣ ଲାଗି ଅଧିକ ଜମି ଅଧିଗ୍ରହଣର ସମ୍ଭାବନା ଥିବା ରାଜସ୍ୱ ବିଭାଗର ଅଧିକାରୀମାନେ କହିଛନ୍ତି। ସମବାୟ ବିଭାଗର ବରିଷ୍ଠ ଅଧିକାରୀ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍‌କୁ ଜମିର ଦଖଲ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ବୈଶିଙ୍ଗା ବୃହଦାକାର ବହୁମୁଖି ସମବାୟ ସମିତିର ସଭାପତି ଶତ୍ରୁଘ୍ନ ସିଂ ଓ ପରିଚାଳନା ନିର୍ଦ୍ଦେଶକ ନୃସିଂହ ଦାସ ମଧ୍ୟ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର, ୨।୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବହଳଦା ପୋଲିସ ଶୁକ୍ରବାର ଗୋରୁ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଉକ୍ତ ଗାଡ଼ିରେ ବେଆଇନ ଭାବେ ଚାଲାଣ ହେଉଥିବା ୬ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗାଡ଼ି ଚାଳକ ବହଳଦା ଥାନା ଅନ୍ତର୍ଗତ ବଡ଼ଦୁଦୁ ଗ୍ରାମର କାସିମ ଅନୱାର (୨୨)ଙ୍କୁ ପୋଲିସ ଗିରଫ କରିଛି। ଜବତ ଗୋରୁଗୁଡ଼ିକୁ ରାଇରଙ୍ଗପୁର ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨/୨୪) ରୁଜୁ ହୋଇଛି।

## ଆଦିବାସୀ ଜନଜାତି ସାଂସ୍କୃତିକ ସମ୍ମିଳନୀ

**ଉଦଳା, ୨।୨(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆ ଟିଆର୍‌ଡିସି ସାଂସ୍କୃତିକ ମଞ୍ଚରେ ଆଦିବାସୀ ଜନଜାତି ସାଂସ୍କୃତିକ ସମ୍ମିଳନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କପ୍ତିପଦା, ଉଦଳାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଆଦିବାସୀ ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାର୍ଣ୍ଡି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କମଳା ତିରିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସମାରୋହରେ ଉପଖଣ୍ଡର ୪ ବ୍ଲକ ଅଧୀନ ୬୫ ପଞ୍ଚାୟତର ଜନଜାତି ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବ୍ଲକ ଅଧ୍ୟକ୍ଷା ମୁଲତା ବିଶ୍ୱାଳ, କାହ୍ନୁ ଚରଣ ସୋରେନ୍, ଏନ୍‌ଏସି, ଉପାଧ୍ୟକ୍ଷା ଲିଲି ଭୋଳ, ଜିଲା ପରିଷଦ ସଦସ୍ୟ ମାକୁ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସବିତା ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ କୁନୁ ମୁର୍ମୁ, ସୁଧନ୍ୟା ନାଏକ, ଜିଲାପରିଷଦ ସଦସ୍ୟ ଲଳିତା ବିଶୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା ସାଂସ୍କୃତିକ ସଂଯୋଜକ ଲାଲମୋହନ ମୁର୍ମୁ, ଅର୍ଜୁନ ମୁର୍ମୁ ଉପସ୍ଥିତ ଥିଲେ।

## ଠାକୁରମୁଣ୍ଡାରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଠାକୁରମୁଣ୍ଡା, ୨।୨(ତାରାକାନ୍ତ ପଟ୍ଟନାୟକ)**

ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତରେ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଠାକୁରମୁଣ୍ଡା ପଞ୍ଚାୟତରେ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ବିଭିନ୍ନ ପ୍ରକଳ୍ପ ସହିତ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଯୋଜନାଗୁଡିକ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବିଡିଓ ମନୋଜ କାର୍ଜି, ସହକାରୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, ଏପିଓ ଧାନଚାନ୍ଦ ମହାନ୍ତ, ସିଡିପିଓ ପ୍ରେମଲତା ସେଠୀ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ମଢେଇ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ସାମ୍ବାଦିକତାରୁ ମୋ କ୍ୟାରିୟର ଆରମ୍ଭ: ଜିଲାପାଳ

**ବାରିପଦା, ୨।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲାପାଳ ଆଶିଷ ଠାକ୍‌ରେ ସାମ୍ବାଦିକତାରୁ ନିଜର କ୍ୟାରିୟର ଆରମ୍ଭ କରିଥିବା କହିଛନ୍ତି। 'ଦି ହିନ୍ଦୁ' ଖବର କାଗଜରେ କାର୍ଯ୍ୟ କରୁଥିବା ବେଳେ ଖବରଦାତାଙ୍କ ଦାୟିତ୍ୱବୋଧକୁ ନେଇ ଅନେକ ଅଭିଜ୍ଞତା ରହିଛି ବୋଲି ଶୁକ୍ରବାର ଏକ ବୈଠକରେ ସେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସମସ୍ତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ନୂଆ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ଖବରଦାତାମାନେ ହେଉଛନ୍ତି ଜିଲା ପ୍ରଶାସନର ଆଖି ଓ କାନ। ଗଣମାଧ୍ୟମ ଜନସାଧାରଣଙ୍କ ସମସ୍ୟାଠାରୁ ଆରମ୍ଭ କରି ସରକାରଙ୍କ ପ୍ରଣିତ ଯୋଜନାର ରୂପାୟନ ତ୍ରୁଟିକୁ ସମ୍ମୁଖକୁ ଆଣିଲେ ପ୍ରଶାସନ ସେଥିରେ ସୁଧାର ଆଣେ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ଏଣୁ ବାରିପଦା ସହିତ ମୟୂରଭଞ୍ଜ ଜିଲାର ୪ଟି ଉପଖଣ୍ଡର ୨୬ଟି ବ୍ଲକରେ ସରକାରଙ୍କ ଯୋଜନା କାର୍ଯ୍ୟକାରୀରେ ତ୍ରୁଟି ଥିଲେ ବା ଲୋକଙ୍କ ସମସ୍ୟା ଥିଲେ ତାହାର ତଥ୍ୟ ଗଣମାଧ୍ୟମ ପ୍ରତିନିଧିମାନେ ଜଣାଇବାକୁ ସେ ନିବେଦନ କରିଛନ୍ତି। ଜିଲାର କୋଣ ଅନୁକୋଣରେ ଥିବା ସମସ୍ୟାଗୁଡ଼ିକ ତାଙ୍କ ଦୃଷ୍ଟିକୁ ଆଣିଲେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖବରଦାତା ସୌମ୍ୟରଞ୍ଜନ ପଟ୍ଟନାୟକ, ମନୋଜ ପଣ୍ଡା ,ଦୀପକ କୁମାର ନାୟକ ପ୍ରମୁଖ ଜିଲାର ସମସ୍ୟା ଓ କାର୍ଯ୍ୟରତ ଖବରଦାତାଙ୍କ ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଜିଲା ମୁଖ୍ୟାଳୟରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ୧୦ଲକ୍ଷ ଟଙ୍କା ବିନିଯୋଗ ପାଇଁ ଯଥାଶୀଘ୍ର ସରକାରୀ ଜମି ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ଖବରଦାତା ରାଧାଶ୍ୟାମ ପ୍ରଧାନ, ରଞ୍ଜନ କୁମାର ଦାଶ ଓ ଦୋଳଗୋବିନ୍ଦ ବାରିକ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପ୍ରୋବେଶନର ଆଇଏଏସ୍ ଅଧିକାରୀ ଅକ୍ଷୟ ପିଲାଇ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅଭିମନ୍ୟୁ ବେହେରା ଓ ଦୌଲତ ଚନ୍ଦ୍ରକାର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟ ଅଧିକାରୀମାନେ।

